रजिस्ट्री सं॰ डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII—ଖଣ୍ଡ I**

**प्राधिकार से प्रकाशित**
**PUBLISHED BY THE AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

---

**No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**

ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

---

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ଵିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋରେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାର ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରୀକରଣ ଅଧିନିୟମ, 1969

(1969ର ଅଧିନିୟମ ସଂଖ୍ୟା 18)

(31 ମଇ, 1969)

**ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀକରଣର ବିନିୟମନ ଏବଂ ତତ୍‌ସମ୍ବନ୍ଧୀ ବିଷୟର ଉପବନ୍ଧ କରିବା ନିମନ୍ତେ ଏକ ଅଧିନିୟମ ।**

ଭାରତ ଗଣରାଜ୍ୟର ବିଂଶତିତମ ବର୍ଷରେ ସଂସଦ ଦ୍ୱାରା ନିମ୍ନଲିଖିତ ମତେ ଅଧିନିୟମିତ ହେଲା:—

## ଅଧ୍ୟାୟ I

## ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

1. (1) ଏହି ଅଧିନିୟମଟି ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରୀକରଣ ଅଧିନିୟମ, 1969 ନାମରେ ଅଭିହିତ ହେବ ।

(2) ଏହା ସମଗ୍ର ଭାରତରେ ବିସ୍ତୃତ ।

(3) କୌଣସି ଏକ ରାଜ୍ୟ ସଂପର୍କରେ କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିପାରିବେ, ଏହା ସେହି ତାରିଖ ଠାରୁ ସେହି ରାଜ୍ୟରେ ବଳବତ୍ତର ହେବ:

ପରନ୍ତୁ କୌଣସି ଏକ ରାଜ୍ୟର ବିଭିନ୍ନ ଭାଗ ନିମନ୍ତେ ବିଭିନ୍ନ ତାରିଖ ନିୟତ କରାଯାଇ ପାରିବ ।

ସଂଜ୍ଞା ଓ ବ୍ୟାଖ୍ୟା ।

2. (1) ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ,—

(କ) "ଜନ୍ମ" ଅର୍ଥ ସଜୀବ ଜନ୍ମ କିମ୍ବା ନିର୍ଜୀବ ଜନ୍ମ ;

(ଖ) "ମୃତ୍ୟୁ" ଅର୍ଥ ସଜୀବ ଜନ୍ମର ପରବର୍ତ୍ତୀ ଯେକୌଣସି ସମୟରେ ଜୀବନର ସମସ୍ତ ଲକ୍ଷଣ ସ୍ଥାୟୀ ଭାବରେ ଲୋପ ହେବା ;

(ଗ) "ଭ୍ରୁଣ ମୃତ୍ୟୁ" ଅର୍ଥ ଗର୍ଭଧାରଣର ଅବଧି ଯାହା ହୋଇଥାଉନା କାହିଁକି, ମାତୃ ଗର୍ଭରୁ ଗର୍ଭସ୍ଥ ଶିଶୁର ପୂର୍ଣ୍ଣ ନିଷ୍କାସନ ବା ନିଷ୍କର୍ଷଣ ପୂର୍ବରୁ ଜୀବିତ ଥିବାର ସମସ୍ତ ଲକ୍ଷଣର ଅଭାବ ;

(ଘ) "ସଜୀବ ଜନ୍ମ" ଅର୍ଥ ଗର୍ଭଧାରଣର ଅବଧି ଯାହା ହେଉନା କାହିଁକି, ମାତୃ ଗର୍ଭରୁ ଗର୍ଭସ୍ଥ ଶିଶୁର ପୂର୍ଣ୍ଣ ନିଷ୍କାସନ ବା ନିଷ୍କର୍ଷଣ ଯାହାକି ଏପରି ନିଷ୍କାସନ ବା ନିଷ୍କର୍ଷଣ ପରେ ଶ୍ୱାସ ନିଏ, କିମ୍ବା ଜୀବନର ଅନ୍ୟ କୌଣସି ଲକ୍ଷଣ ଦର୍ଶାଏ ଏବଂ ଏପରି ପ୍ରସବକୁ ସଜୀବ ଜନ୍ମ ବୋଲି ଧରି ନିଆହେବ ;

(ଙ) "ବିହିତ" ଅର୍ଥ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ ;

(ଚ) କୌଣସି ସଂଘ ରାଜ୍ୟ କ୍ଷେତ୍ର ସମ୍ପର୍କରେ "ରାଜ୍ୟ ସରକାର" ଅର୍ଥ ତାହାର ପ୍ରଶାସକ;

(ଛ) "ମୃତ ଜନ୍ମ" ଅର୍ଥ ଏପରି ଏକ ଭ୍ରୁଣର ମୃତ୍ୟୁ, ଯାହାର ଅତି କମ୍‌ରେ ବିହିତ ଗର୍ଭାବଧି ପ୍ରାପ୍ତ ହୋଇଅଛି ।

(2) ଏହି ଅଧିନିୟମରେ କୌଣସି କ୍ଷେତ୍ରରେ ପ୍ରବୃତ୍ତ ନଥିବା କୌଣସି ବିଧି ପ୍ରତି ଯଦି କୌଣସି ସୂଚନା ସେହି କ୍ଷେତ୍ର ସମ୍ବନ୍ଧରେ ଉକ୍ତ କ୍ଷେତ୍ରରେ କୌଣସି ଅନୁରୂପ ବିଧି ପ୍ରବୃତ୍ତ ଥିଲେ ସେହି ବିଧି ସଂକ୍ରାନ୍ତରେ ସୂଚନା ବୋଲି ଅର୍ଥାନ୍ୱୟ କରାଯିବ ।

## ଅଧ୍ୟାୟ II

## ରେଜିଷ୍ଟ୍ରୀକରଣ ପ୍ରତିଷ୍ଠାନ

ଭାରତର ରେଜିଷ୍ଟ୍ରାର-ଜେନେରାଲ ।

3. (1) କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ ଭାରତର ରେଜିଷ୍ଟ୍ରାର-ଜେନେରାଲ ଭାବରେ ନିଯୁକ୍ତ କରିପାରିବେ ।

(2) ରେଜିଷ୍ଟ୍ରାର-ଜେନେରାଲ, ଏହି ଅଧିନିୟମ ଅନୁଯାୟୀ ତାଙ୍କର ଯେଉଁସବୁ କୃତ୍ୟ ନିର୍ବାହ କରିବାପାଇଁ ସମୟକୁ ସମୟ ପ୍ରାଧିକୃତ କରିବେ, ସେହିସବୁ କୃତ୍ୟ ରେଜିଷ୍ଟ୍ରାର-ଜେନେରାଲଙ୍କ ଅଧୀକ୍ଷଣ ଓ ନିର୍ଦ୍ଦେଶରେ ନିର୍ବାହ କରିବା ପ୍ରୟୋଜନ ନିମିତ୍ତ କେନ୍ଦ୍ର ସରକାର ଯେପରି ଉଚିତ ମନେ କରିବେ ସେପରି ଅନ୍ୟ ଅଧିକାରୀମାନଙ୍କୁ ମଧ୍ୟ ସେପରି ପଦ ନାମରେ ନିଯୁକ୍ତ କରିପାରିବେ ।

(3) ରେଜିଷ୍ଟ୍ରାର-ଜେନେରାଲ ଯେଉଁ ରାଜ୍ୟ କ୍ଷେତ୍ରଗୁଡ଼ିକରେ ଏହି ଅଧିନିୟମ ବିସ୍ତୃତ ଅଟେ, ସେଠାରେ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀକରଣ ସମ୍ବନ୍ଧରେ ସାଧାରଣ ନିର୍ଦ୍ଦେଶମାନ ଜାରି କରିପାରିବେ ଏବଂ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀକରଣ ବିଷୟରେ ମୁଖ୍ୟ ରେଜିଷ୍ଟ୍ରାରମାନଙ୍କ କ୍ରିୟାକଳାପର ସମନ୍ୱୟ ଓ ଏକୀକରଣ ପାଇଁ ପଦକ୍ଷେପମାନ ଗ୍ରହଣ କରିବେ ଓ ସେହି ରାଜ୍ୟ କ୍ଷେତ୍ରରେ ଏହି ଅଧିନିୟମର କାର୍ଯ୍ୟକାରିତା ଉପରେ ଏକ ବାର୍ଷିକ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବେ ।

ମୁଖ୍ୟ ରେଜିଷ୍ଟ୍ରାର ।

4. (1) ରାଜ୍ୟ ସରକାର, ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା କୌଣସି ରାଜ୍ୟ ପାଇଁ ଜଣେ ମୁଖ୍ୟ ରେଜିଷ୍ଟ୍ରାର ନିଯୁକ୍ତ କରିପାରିବେ ।

(2) ମୁଖ୍ୟ ରେଜିଷ୍ଟ୍ରାର ତାଙ୍କର ଯେଉଁସବୁ କୃତ୍ୟ ନିର୍ବାହ କରିବା ପାଇଁ ସମୟକୁ ସମୟ ପ୍ରାଧିକୃତ କରିବେ ସେହିସବୁ କୃତ୍ୟ, ମୁଖ୍ୟ ରେଜିଷ୍ଟ୍ରାରଙ୍କ ଅଧିକ୍ଷଣ ଓ ନିର୍ଦ୍ଦେଶରେ ନିର୍ବାହ କରିବାଲାଗି, ରାଜ୍ୟ ସରକାର ନିଜେ ଯେପରି ଉଚିତ ମନେ କରିବେ ସେପରି ଅନ୍ୟାନ୍ୟ ଅଧିକାରୀଙ୍କୁ ସେପରି ପଦ ନାମରେ ମଧ୍ୟ ନିଯୁକ୍ତ କରିପାରିବେ ।

(3) ରାଜ୍ୟ ସରକାରଙ୍କ ଦ୍ୱାରା ଯଦି କୌଣସି ନିର୍ଦ୍ଦେଶ ଦିଆଯାଇଥାଏ ତେବେ ତାହାପ୍ରତି ସାପେକ୍ଷ ହୋଇ, ମୁଖ୍ୟ ରେଜିଷ୍ଟ୍ରାର, ରାଜ୍ୟରେ ଏହି ଅଧିନିୟମର ଉପବନ୍ଧ ଓ ତଦଧୀନ ପ୍ରଣୀତ ନିୟମାବଳୀ ଓ ଆଦେଶଗୁଡ଼ିକୁ ନିଷ୍ପାଦନ କରିବା ନିମନ୍ତେ ମୁଖ୍ୟ କାର୍ଯ୍ୟପାଳଙ୍କ ପ୍ରାଧିକାରୀ ହେବେ ।

(4) ମୁଖ୍ୟ ରେଜିଷ୍ଟ୍ରାର, ରେଜିଷ୍ଟ୍ରୀକରଣର ଦକ୍ଷ ପଦ୍ଧତିକୁ ସୁନିଶ୍ଚିତ କରିବାଲାଗି, ରାଜ୍ୟରେ ରେଜିଷ୍ଟ୍ରୀକରଣ କାର୍ଯ୍ୟର ସମନ୍ୱୟ, ଏକୀକରଣ ଓ ପର୍ଯ୍ୟବେକ୍ଷଣ ପାଇଁ ସମୁଚିତ ଅନୁଦେଶମାନ ଜାରି କରି ବା ଅନ୍ୟଥା ପଦକ୍ଷେପ ଗ୍ରହଣ କରିବେ ଏବଂ ରାଜ୍ୟରେ ଏହି ଅଧିନିୟମର କାର୍ଯ୍ୟକାରିତା ଉପରେ, ଯେପରି ବିହିତ ହୋଇପାରେ ସେପରି ରୀତିରେ ଓ ସେପରି ବ୍ୟବଧାନରେ ଏକ ରିପୋର୍ଟ ପ୍ରସ୍ତୁତ କରିବେ ଏବଂ ତାହାକୁ ଧାରା 19ର ଉପଧାରା (2)ରେ ସୂଚିତ ପରିସଂଖ୍ୟାନ ରିପୋର୍ଟ ସହ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ ।

ରେଜିଷ୍ଟ୍ରୀକରଣ ପ୍ରଭାଗ ।

5. ରାଜ୍ୟ ସରକାର, ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା, ରାଜ୍ୟ ମଧ୍ୟସ୍ଥ ରାଜ୍ୟ କ୍ଷେତ୍ରକୁ, ଯେପରି ଉଚିତ ମନେ କରିବେ ସେପରି ରେଜିଷ୍ଟ୍ରୀକରଣ ପ୍ରଭାଗରେ ବିଭକ୍ତ କରିପାରିବେ ଏବଂ ବିଭିନ୍ନ ରେଜିଷ୍ଟ୍ରୀକରଣ ପ୍ରଭାଗ ପାଇଁ ବିଭିନ୍ନ ନିୟମାବଳୀ ବିହିତ କରିପାରିବେ ।

ଜିଲ୍ଲା ରେଜିଷ୍ଟ୍ରାର ।

6. (1) ରାଜ୍ୟ ସରକାର, ପ୍ରତ୍ୟେକ ରାଜସ୍ୱ ଜିଲ୍ଲା ପାଇଁ ଜଣେ ଜିଲ୍ଲା ରେଜିଷ୍ଟ୍ରାର ଏବଂ ନିଜେ ଯେପରି ଉଚିତ ମନେ କରିବେ ସେପରି ସଂଖ୍ୟକ ଅତିରିକ୍ତ ଜିଲ୍ଲା ରେଜିଷ୍ଟ୍ରାର ନିଯୁକ୍ତ କରିପାରିବେ, ଯେଉଁମାନେ କି ଜିଲ୍ଲା ରେଜିଷ୍ଟ୍ରାରଙ୍କ ସାଧାରଣ ନିୟନ୍ତ୍ରଣ ଓ ନିର୍ଦ୍ଦେଶ ପ୍ରତିସାପେକ୍ଷ ହୋଇ, ଜିଲ୍ଲା ରେଜିଷ୍ଟ୍ରାର ସମୟକୁ ସମୟ ତାଙ୍କର ଯେଉଁସବୁ କୃତ୍ୟ ନିର୍ବାହ କରିବାଲାଗି ପ୍ରାଧିକୃତ କରିବେ, ସେହିସବୁ କୃତ୍ୟ ନିର୍ବାହ କରିବେ ।

(2) ମୁଖ୍ୟ ରେଜିଷ୍ଟ୍ରାରଙ୍କ ନିର୍ଦ୍ଦେଶ ପ୍ରତି ସାପେକ୍ଷ ହୋଇ, ଜିଲ୍ଲା ରେଜିଷ୍ଟ୍ରାର, ଜିଲ୍ଲାରେ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀକରଣ ଅଧୀକ୍ଷଣ କରିବେ ଓ ଏହି ଅଧିନିୟମର ଉପବନ୍ଧଗୁଡ଼ିକୁ ଓ ଏହି ଅଧିନିୟମର ପ୍ରୟୋଜନ ନିମନ୍ତେ ରେଜିଷ୍ଟ୍ରାରଙ୍କ ଦ୍ୱାରା ସମୟକୁ ସମୟ ଜାରି କରାଯାଉଥିବା ଆଦେଶଗୁଡ଼ିକୁ ଜିଲ୍ଲାରେ କାର୍ଯ୍ୟକାରୀ କରାଇବା ଲାଗି ଦାୟୀ ରହିବେ ।

ରେଜିଷ୍ଟ୍ରାର

7. (1) ରାଜ୍ୟ ସରକାର, ପୌରପାଳିକା, ପଞ୍ଚାୟତ ବା ଅନ୍ୟ ସ୍ଥାନୀୟ ପ୍ରାଧିକାରୀଙ୍କ ଅଧିକାରିତା ମଧ୍ୟରେ ସମାବିଷ୍ଟ ହୋଇଥିବା କ୍ଷେତ୍ରର ପ୍ରତ୍ୟେକ ସ୍ଥାନୀୟ କ୍ଷେତ୍ର ପାଇଁ ବା ଅନ୍ୟ କୌଣସି କ୍ଷେତ୍ର ପାଇଁ ବା ସେଗୁଡ଼ିକ ମଧ୍ୟରୁ ଦୁଇ ବା ତତୋଧିକ ସଂଯୁକ୍ତ କ୍ଷେତ୍ର ପାଇଁ ଜଣେ ରେଜିଷ୍ଟ୍ରାରଙ୍କୁ ନିଯୁକ୍ତ କରିପାରିବେ :

ପରନ୍ତୁ ରାଜ୍ୟ ସରକାର, କୌଣସି ପୌରପାଳିକା, ପଞ୍ଚାୟତ ବା ଅନ୍ୟ ପ୍ରାଧିକାରୀଙ୍କ ସ୍ଥଳେ, ତାହାର ଯେକୌଣସି ଅଧିକାରୀଙ୍କୁ ଅନ୍ୟ କର୍ମଚାରୀଙ୍କୁ ରେଜିଷ୍ଟ୍ରାର ଭବେ ନିଯୁକ୍ତ କରିପାରିବେ ।

(2) ପ୍ରତ୍ୟେକ ରେଜିଷ୍ଟ୍ରାର, ଧାରା ୪ ବା ଧାରା ୨ ଅନୁଯାୟୀ ତାହାଙ୍କୁ ଦିଆଯାଇଥିବା ସମସ୍ତ ସୂଚନାକୁ ବିନା ଫିସ୍ ବା ପୁରସ୍କାରରେ, ସେଥି ନିମନ୍ତେ ରଖାଯାଇଥିବା ରେଜିଷ୍ଟରରେ ଦରଜ କରିବେ ଏବଂ ତାହାଙ୍କ ଅଧିକାରିତା ମଧ୍ୟରେ ହୋଇଥିବା ଜନ୍ମ ଓ ମୃତ୍ୟୁ ବିଷୟରେ ନିଜେ ସୂଚନା ପାଇବା ଲାଗି ଓ ରେଜେଷ୍ଟ୍ରୀକରଣ ପାଇଁ ଆବଶ୍ୟକ ସବିଶେଷ ବିବରଣଗୁଡ଼ିକୁ ନିରୂପଣ କରିବା ଓ ରେଜିଷ୍ଟ୍ରୀ କରିବା ଲାଗି ସାବଧାନତା ସହ ପଦକ୍ଷେପମାନ ନେବେ ।

(3) ପ୍ରତ୍ୟେକ ରେଜିଷ୍ଟ୍ରାରଙ୍କର, ଯେଉଁ ସ୍ଥାନୀୟ ଅଞ୍ଚଳ ପାଇଁ ସେ ନିଯୁକ୍ତ ହୋଇଥିବେ ସେଠାରେ ଏକ କାର୍ଯ୍ୟାଳୟ ରହିବ ।

(4) ପ୍ରତ୍ୟେକ ରେଜିଷ୍ଟ୍ରାର, ଜନ୍ମ ଓ ମୃତ୍ୟୁକୁ ରେଜିଷ୍ଟ୍ରୀ କରିବା ପାଇଁ, ନିଜ କାର୍ଯ୍ୟାଳୟରେ, ମୁଖ୍ୟ ରେଜିଷ୍ଟ୍ରାର ଯେପରି ନିର୍ଦ୍ଦେଶ ଦେବେ, ତଦନୁଯାୟୀ, ସେହି ଦିନ ଓ ସେହି ସମୟରେ ଉପସ୍ଥିତ ରହିବେ ଓ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟର ବାହାର ଦ୍ୱାରରେ ବା ତାହା ନିକଟସ୍ଥ ଯେକୌଣସି ସହଜଦୃଶ୍ୟ ସ୍ଥାନରେ, ନିଜର ନାମ, ସେ ଯେଉଁ ସ୍ଥାନୀୟ କ୍ଷେତ୍ର ପାଇଁ ନିଯୁକ୍ତ ହୋଇଛନ୍ତି ତାହାର ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରାର ଏବଂ ସେ ସେଠାରେ ଉପସ୍ଥିତ ରହୁଥିବା ଦିନ ଓ ସମୟ ସ୍ଥାନୀୟ ଭଷାରେ ଲେଖାଥିବା ଏକ ବୋର୍ଡ ଲଗାଇବେ ।

(5) ମୁଖ୍ୟ ରେଜିଷ୍ଟ୍ରାରଙ୍କ ପୂର୍ବ ଅନୁମୋଦନ କ୍ରମେ, ରେଜିଷ୍ଟ୍ରାର, ଉପ-ରେଜିଷ୍ଟ୍ରାରମାନଙ୍କୁ ନିଯୁକ୍ତ କରିପାରିବେ ଓ ସେମାନଙ୍କୁ ତାହାଙ୍କ ଅଧିକାରିତା ମଧ୍ୟସ୍ଥ ବିନିର୍ଦ୍ଦିଷ୍ଟ କ୍ଷେତ୍ର ସମ୍ବନ୍ଧରେ ତାଙ୍କର ଯେକୌଣସି ବା ସମସ୍ତ କ୍ଷମତା ଓ କର୍ତ୍ତବ୍ୟ ଅର୍ପଣ କରିପାରିବେ ।

## ଅଧ୍ୟାୟ III

### ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀ କରଣ

ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରୀ କରିବା ଲାଗି ଆବଶ୍ୟକ ବ୍ୟକ୍ତି ।

୪. (1) ନିମ୍ନରେ ବିନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କର କର୍ତ୍ତବ୍ୟ ହେବ ଯେ ସେମାନେ ସେମାନଙ୍କର ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁସାରେ ଯେପରି ବିହିତ ହୋଇପାରେ ସେପରି ସମୟ ମଧ୍ୟରେ ମୌଖିକ ବା ଲିଖିତ ଆକାରରେ, ଧାରା 16 ର ଉପଧାରା (1) ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ବିହିତ କରାଯାଇଥିବା ଫାରମରେ ଦରଜ କରାଯିବା ନିମନ୍ତେ ଆବଶ୍ୟକ ବିଭିନ୍ନ ସବିଶେଷ ବିବରଣର ସୂଚନା, ରେଜିଷ୍ଟ୍ରାରଙ୍କୁ ଦେବେ ବା ଦିଆଇବେ—

(କ) ଖଣ୍ଡ (ଖ) ଠାରୁ (ଙ) ମଧ୍ୟରେ ସୂଚିତ ସ୍ଥାନ ଭିନ୍ନ କୌଣସି ନିବାସୀୟ ବା ଅନିବାସୀୟ ଗୃହରେ ଜନ୍ମ ଓ ମୃତ୍ୟୁ ହୋଇଥିଲେ, ଗୃହର ମୁଖିଆ, ବା ଗୃହରେ ଯଦି ଏକାଧିକ ପରିବାର ବାସ କରୁଥାନ୍ତି, ତେବେ ସେହି ପରିବାରର ମୁଖିଆ, ଯାହାଙ୍କୁ ସେହି ଗୃହ ବା ପରିବାରର ଲୋକମାନେ ସେଭଳି ମାନୁଥିବେ ଏବଂ, ଯେଉଁ ସମୟରେ ଜନ୍ମ ଓ ମୃତ୍ୟୁର ରିପୋର୍ଟ କରାଯିବାକୁ ଥାଏ ସେହି ସମୟରେ ଯଦି ସେ ଗୃହରେ ଉପସ୍ଥିତ ନଥାନ୍ତି ତେବେ ସେହି ସମୟରେ ଗୃହରେ ଉପସ୍ଥିତ ଥିବା ତାଙ୍କର ନିକଟତମ ସମ୍ପର୍କୀୟ, ଏବଂ ସେପରି କୌଣସି ବ୍ୟକ୍ତି ଅନୁପସ୍ଥିତ ଥିଲେ, ସେହି କାଳାବଧି ମଧ୍ୟରେ ସେଠାରେ ଉପସ୍ଥିତ ଥିବା ସବୁଠାରୁ ବଡ଼ ବୟସ୍କ ପୁରୁଷ ;

(ଖ) କୌଣସି ଚିକିତ୍ସାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରସୂତି ବା ପରିଚର୍ଯ୍ୟା ଗୃହ ବା ସେପରି ଅନ୍ୟ କୌଣସି ଅନୁଷ୍ଠାନରେ ଜନ୍ମ ବା ମୃତ୍ୟୁ ହୋଇଥିଲେ, ସେଠାକାର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ବା ଏତଦୁପଲକ୍ଷେ ତାଙ୍କଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତି ;

(ଗ) ଜେଲରେ ଜନ୍ମ ଓ ମୃତ୍ୟୁ ହୋଇଥିଲେ, ଭାରପ୍ରାପ୍ତ ଜେଲର ;

(ଘ) କୌଣସି ଗ୍ରେଲଟ୍ରି, ଛାତ୍ର, ଛାତ୍ରାବାସ, ଧର୍ମଶାଳା, ଭୋଜନାଳୟ, ବସାଘର, ପାନ୍ଥଶାଳା, ବ୍ୟାରେକ୍, ପଢ଼ିଖାନା, ସାର୍ବଜନିକ ସମାଗମ ସ୍ଥାନରେ ଜନ୍ମ ଓ ମୃତ୍ୟୁ ହୋଇଥିଲେ, ସେଠାକାର ଭାରପ୍ରାପ୍ତ ବ୍ୟକ୍ତି ;

(ଙ) କୌଣସି ସର୍ବସାଧାରଣ ସ୍ଥାନରେ ପରିତ୍ୟକ୍ତ କୌଣସି ନବଜାତ ଶିଶୁ ବା ମୃତ ଦେହ ମିଳିଲେ କୌଣସି ଗ୍ରାମ କ୍ଷେତ୍ରରେ ଗ୍ରାମର ମୁଖିଆ ବା ଅନୁରୂପ ଅଧିକାରୀ ଓ ଅନ୍ୟତ୍ର ସ୍ଥାନୀୟ ଥାନାର ଭାରପ୍ରାପ୍ତ ଅଧିକାରୀ :

ପରନ୍ତୁ ଯେଉଁ ବ୍ୟକ୍ତି ସେପରି ଶିଶୁ ବା ମୃତ ଦେହ ପାଇଥାନ୍ତି ବା ଯାହାଙ୍କ ଦାୟିତ୍ୱରେ ସେପରି ଶିଶୁ ବା ମୃତ ଦେହ ରଖାଯାଇ ପାରେ, ସେହି ବ୍ୟକ୍ତି, ସେହି ତଥ୍ୟ ପୂର୍ବୋକ୍ତ ମୁଖିଆ ବା ଅଧିକାରୀଙ୍କୁ ସୂଚିତ କରିବେ ;

(ଚ) ଅନ୍ୟ କୌଣସି ସ୍ଥାନରେ ହୋଇଥିଲେ, ଯେପରି ବିହିତ ହୋଇପାରେ ସେଭଳି ବ୍ୟକ୍ତି ।

(2) ଉପଧାରା (1)ରେ ଯାହାକିଛି ଥିବା ସତ୍ତ୍ୱେ, ରାଜ୍ୟ ସରକାର, କୌଣସି ରେଜିଷ୍ଟ୍ରୀକରଣ ପ୍ରଭାଗର ବିଦ୍ୟମାନ ଅବସ୍ଥାକୁ ଧ୍ୟାନରେ ରଖି, ଆଦେଶ ଦ୍ୱାରା ଆବଶ୍ୟକ କରିପାରନ୍ତି ଯେ ସେହି ଆଦେଶରେ ଯେପରି ବିନିର୍ଦ୍ଦିଷ୍ଟ ହୋଇପାରେ ସେପରି କାଳାବଧି ନିମନ୍ତେ ଉପଧାରା (1)ର ଖଣ୍ଡ (କ)ରେ ସୂଚିତ କୌଣସି ଗୃହରେ ଜନ୍ମ ଓ ମୃତ୍ୟୁ ସମ୍ବନ୍ଧୀୟ ସୂଚନା, ଉକ୍ତ ଖଣ୍ଡରେ ବିନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପରିବର୍ତ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଏତଦୁପଲକ୍ଷେ ବିନିର୍ଦ୍ଦିଷ୍ଟ ଯେକୌଣସି ବ୍ୟକ୍ତି, ତାହାଙ୍କ ପଦନାମ ବଳରେ ଦେବେ ବା ଦିଆଇବେ ।

ରୋପସ୍ଥଳୀରେ ଜନ୍ମ ଓ ମୃତ୍ୟୁ ସମ୍ବନ୍ଧରେ ବିଶେଷ ଉପବନ୍ଧ ।

୨. କୌଣସି ରୋପସ୍ଥଳୀରେ ଜନ୍ମ ଓ ମୃତ୍ୟୁ ହୋଇଥିବା ସ୍ଥଳେ, ଉକ୍ତ ରୋପସ୍ଥଳୀର ଅଧୀକ୍ଷକ, ଧାରା ୪ ରେ ଉଲ୍ଲିଖିତ ସୂଚନା ରେଜିଷ୍ଟ୍ରାରଙ୍କୁ ଦେବେ ବା ଦିଆଇବେ:

ପରନ୍ତୁ ଧାରା ୪ ର ଉପଧାରା (1) ର ଖଣ୍ଡ (କ) ଠାରୁ (ଚ) ପର୍ଯ୍ୟନ୍ତ ଖଣ୍ଡଗୁଡ଼ିକରେ ଉଲ୍ଲିଖିତ ବ୍ୟକ୍ତିମାନେ, ରୋପସ୍ଥଳୀର ଅଧୀକ୍ଷକଙ୍କୁ ଆବଶ୍ୟକ ସବିଶେଷ ବିବରଣ ଯୋଗାଇବେ ।

ସ୍ପଷ୍ଟୀକରଣ—ଏହି ଧାରାର "ରୋପଣସ୍ଥଳୀ" ଅଭିବ୍ୟକ୍ତିର ଅର୍ଥ, ଅନ୍ୟୂନ ଚାରି ହେକ୍ଟର ବିସ୍ତାରର ଏପରି କୌଣସି ଭୂମି ଯାହାକୁ ଚା, କଫି, ଗୋଲମରିଚ, ରବର, ଅଳେଇଚ, ସିନ୍‌କୋନା ବା ରାଜ୍ୟ ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ବିନିର୍ଦ୍ଦିଷ୍ଟ କରିବା ପ୍ରକାରେ ସେପରି ଅନ୍ୟ ଉପଜ ଉତ୍ପାଦନ କରିବା ନିମନ୍ତେ ପ୍ରସ୍ତୁତ କରାଯାଉଛି ବା ଯେଉଁଥିରେ ବସ୍ତୁତଃ ସେପରି ଉପଜ ଉତ୍ପାଦିତ ହୁଏ, ଏବଂ "ରୋପଣସ୍ଥଳୀର ଅଧୀକ୍ଷକ" ଅଭିବ୍ୟକ୍ତିର ଅର୍ଥ, ଶ୍ରମିକମାନଙ୍କ ଭାରରେ ବା ଅଧୀକ୍ଷଣରେ ଥିବା, ଓ ପରିଚାଳକ, ଅଧୀକ୍ଷକ ବା ଅନ୍ୟ କୌଣସି ନାମରେ ରୋପଣସ୍ଥଳୀରେ କାର୍ଯ୍ୟ କରୁଥିବା ବ୍ୟକ୍ତି ।

ଜନ୍ମ ଓ ମୃତ୍ୟୁର ସୂଚନା ଦେବା ଓ ମୃତ୍ୟୁର କାରଣ ପ୍ରମାଣୀକୃତ କରିବା ପାଇଁ କେତେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ।

10. (1) (*i*) ଜନ୍ମ କିମ୍ବା ମୃତ୍ୟୁ ସମୟରେ ଉପସ୍ଥିତ ଥିବା ଧାଈ, କିମ୍ବା ଅନ୍ୟ କୌଣସି ଚିକିତ୍ସା ବା ସ୍ୱାସ୍ଥ୍ୟ ପରିଚାରକଙ୍କର;

(*ii*) ମୃତ ଦେହ ନିକାଶ ନିମନ୍ତେ ଅଲଗା କରି ରଖାଯାଇଥିବା କୌଣସି ସ୍ଥାନର ରକ୍ଷକ ବା ମାଲିକ ବା ସେପରି ସ୍ଥାନରେ ଉପସ୍ଥିତ ରହିବା ନିମନ୍ତେ ସ୍ଥାନୀୟ ପ୍ରାଧିକାରୀଙ୍କ ଦ୍ୱାରା ଆବଶ୍ୟକ କୌଣସି ବ୍ୟକ୍ତିଙ୍କର, ବା;

(*iii*) ଯେଉଁ ବ୍ୟକ୍ତିଙ୍କୁ ରାଜ୍ୟ ସରକାର ତାହାଙ୍କ ପଦନାମ ଦ୍ୱାରା ଏତଦୁପଲକ୍ଷେ ବିନିର୍ଦ୍ଦିଷ୍ଟ କରିବେ, ସେହି ଅନ୍ୟ ବ୍ୟକ୍ତିଙ୍କର,

ଏହା କର୍ତ୍ତବ୍ୟ ହେବ ଯେ ଯେଉଁ ଜନ୍ମ କିମ୍ବା ମୃତ୍ୟୁ କିମ୍ବା ଉଭୟ କ୍ଷେତ୍ରରେ ସେ ପରିଚର୍ଯ୍ୟା କରିଥିଲେ, ଉପସ୍ଥିତ ଥିଲେ, ବା ଯାହା ବିହିତ ହୋଇ ପାରିବା ପ୍ରକାରେ ସେପରି କ୍ଷେତ୍ରରେ ଘଟିଥିଲା, ସେଭଳି ପ୍ରତ୍ୟେକ କ୍ଷେତ୍ରରେ ସେ ସେହି ଜନ୍ମ ବା ମୃତ୍ୟୁ ସମ୍ପର୍କରେ ରେଜିଷ୍ଟ୍ରାରଙ୍କୁ ବିହିତ ହେବା ପ୍ରକାରେ ସେପରି ସମୟ ମଧ୍ୟରେ ଏବଂ ସେପରି ରୀତିରେ ସୂଚିତ କରିବେ ।

(2) କୌଣସି କ୍ଷେତ୍ରରେ, ଏତଦୁପଲକ୍ଷେ ଲଭ୍ୟ ସୁବିଧାକୁ ଧ୍ୟାନରେ ରଖି, ରେଜିଷ୍ଟ୍ରାର ଯେପରି ବିହିତ ହୋଇପାରେ ସେପରି ବ୍ୟକ୍ତିଙ୍କଠାରୁ ଏବଂ ସେପରି ଫାରମରେ ମୃତ୍ୟୁର କାରଣ ସମ୍ପର୍କରେ ଏକ ପ୍ରମାଣ ପତ୍ର ହାସଲ କରିବା ଲାଗି ରାଜ୍ୟ ସରକାର ତାହାଙ୍କୁ ଆବଶ୍ୟକ କରିପାରିବେ ।

(3) ଯେଉଁସ୍ଥଳେ ରାଜ୍ୟ ସରକାର ଉପଧାରା (2) ଅନୁଯାୟୀ ମୃତ୍ୟୁର କାରଣ ସମ୍ପର୍କିତ ପ୍ରମାଣପତ୍ର ହାସଲ କରିବା ଆବଶ୍ୟକ କରିଥାନ୍ତି ସେହି ସ୍ଥଳେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ସେହି ବ୍ୟକ୍ତି ତାହାଙ୍କ ଅନ୍ତିମ ଅସୁସ୍ଥତା ସମୟରେ ଯେଉଁ ଚିକିତ୍ସା ବ୍ୟବସାୟୀଙ୍କ ପରିଚର୍ଯ୍ୟାରେ ଥିଲେ ସେହି ବ୍ୟକ୍ତିଙ୍କର ମୃତ୍ୟୁ ପରେ, ତତ୍‌କ୍ଷଣାତ୍ ସେହି ଚିକିତ୍ସା ବ୍ୟବସାୟୀ କୌଣସି ଫିସ୍ ନନେଇ ଯେଉଁ ବ୍ୟକ୍ତି ଏହି ଅଧିନିୟମ ଅନୁଯାୟୀ ମୃତ୍ୟୁ ସମ୍ପର୍କରେ ସୂଚନା ଦେବା ଆବଶ୍ୟକ ତାହାଙ୍କୁ ମୃତ୍ୟୁର କାରଣ ବିଷୟରେ ନିଜର ସର୍ବୋତ୍ତମ ଜ୍ଞାନ ଏବଂ ବିଶ୍ୱାସମତେ ଉଲ୍ଲେଖ କରି ବିହିତ ଫାରମରେ ଏକ ପ୍ରମାଣପତ୍ର ଦେବେ ଏବଂ ସେହି ବ୍ୟକ୍ତି ସେହି ପ୍ରମାଣପତ୍ର ଗ୍ରହଣ କରିବେ ଏବଂ ଏହି ଅଧିନିୟମ ଦ୍ୱାରା ଆବଶ୍ୟକ ହେବାମତେ ମୃତ୍ୟୁ ସଂକ୍ରାନ୍ତ ସୂଚନା ଦେବା ସମୟରେ ତାହା ରେଜିଷ୍ଟ୍ରାରଙ୍କୁ ଦେବେ ।

ସୂଚନା ଦେଇବାଲା ରେଜିଷ୍ଟରରେ ସ୍ୱାକ୍ଷର କରିବେ ।

11. ରେଜିଷ୍ଟ୍ରାରଙ୍କୁ, ଏହି ଅଧିନିୟମ ଅନୁଯାୟୀ ଆବଶ୍ୟକ କୌଣସି ସୂଚନା ମୌଖିକ ଭାବେ ଦେଉଥିବା ପ୍ରତ୍ୟେକ ବ୍ୟକ୍ତି, ଏତଦୁପଲକ୍ଷେ ରଖାଯାଇଥିବା ରେଜିଷ୍ଟରରେ ତାଙ୍କର ନାମ, ବର୍ଣ୍ଣନ ଏବଂ ନିବାସ ସ୍ଥାନ ଲେଖିବେ ଏବଂ ଯଦି ସେ ଲେଖି ନ ପାରନ୍ତି ତେବେ ରେଜିଷ୍ଟରରେ ନିଜର ନାମ, ବର୍ଣ୍ଣନ, ଏବଂ ନିବାସ ସ୍ଥାନର ପାର୍ଶ୍ୱରେ ତାଙ୍କର ଟିପଚିହ୍ନ ଦେବେ ଏବଂ ସେପରି ସ୍ଥଳେ ସେହି ସବିଶେଷ ବିବରଣଗୁଡ଼ିକ ରେଜିଷ୍ଟ୍ରାରଙ୍କ ଦ୍ୱାରା ଦରଜ କରାଯିବ ।

ସୂଚନା ଦେଇବାଲାଙ୍କୁ ରେଜିଷ୍ଟ୍ରୀକରଣ ଦରଜର ଉଦ୍ଧୃତି ଦିଆଯିବ ।

12. ରେଜିଷ୍ଟ୍ରାର, କୌଣସି ଜନ୍ମ ବା ମୃତ୍ୟୁର ରେଜିଷ୍ଟ୍ରୀକରଣ ସଂପୂର୍ଣ୍ଣ ହେବା ପରେ ପରେ, ରେଜିଷ୍ଟରରୁ ସେହି ଜନ୍ମ ବା ମୃତ୍ୟୁ ସଂକ୍ରାନ୍ତୀୟ ବିହିତ ସବିଶେଷ ବିବରଣର ଉଦ୍ଧୃତି ନିଜେ ସ୍ୱାକ୍ଷର କରି ଧାରା ୫ ବା ୨ ଅନୁଯାୟୀ ସୂଚନା ଦେଇଥିବା ବ୍ୟକ୍ତିଙ୍କୁ ମାଗଣାରେ ଦେବେ ।

ଜନ୍ମ ଓ ମୃତ୍ୟୁର ବିଳମ୍ବିତ ରେଜିଷ୍ଟ୍ରୀକରଣ ।

13. (1) ଯେଉଁ ଜନ୍ମ ବା ମୃତ୍ୟୁର ସୂଚନା, ତନ୍ନିମିତ୍ତ ବିନିର୍ଦ୍ଦିଷ୍ଟ କାଳାବଧିର ଅବସାନ ପରେ, କିନ୍ତୁ ଏହା ଘଟିବାର ତିରିଶ ଦିନ ମଧ୍ୟରେ ରେଜିଷ୍ଟ୍ରାରଙ୍କୁ ଦିଆଯାଏ ତାହାଙ୍କୁ ବିହିତ ହେବା ପ୍ରକାରେ ସେପରି ବିଳମ୍ବିତ ଫିସ୍ ପ୍ରଦାନ ପରେ ରେଜିଷ୍ଟ୍ରୀ କରାଯିବ ।

(2) ଯେଉଁ ଜନ୍ମ ବା ମୃତ୍ୟୁର ବିଳମ୍ବିତ ସୂଚନା, ଏହା ଘଟିବାର ତିରିଶ ଦିନ ପରେ କିନ୍ତୁ ଏକ ବର୍ଷ ମଧ୍ୟରେ ରେଜିଷ୍ଟ୍ରାରଙ୍କୁ ଦିଆଯାଏ, ତାହାକୁ, ବିହିତ ପ୍ରାଧିକାରୀଙ୍କ ଲିଖିତ ଅନୁମତିକ୍ରମେ ଏବଂ ବିହିତ ଫିସ୍ ପ୍ରଦାନ ପରେ ଓ ନୋଟାରୀ ପବ୍ଲିକ ବା ରାଜ୍ୟ ସରକାରଙ୍କ ଦ୍ୱାରା ଏତଦୁପଲକ୍ଷେ ପ୍ରାଧିକୃତ ଅନ୍ୟ କୌଣସି ଅଧିକାରୀଙ୍କ ସମକ୍ଷରେ କରାଯାଇଥିବା ଏକ ଶପଥପତ୍ର ପେଶ୍ କରିବା ପରେ ହିଁ ରେଜିଷ୍ଟ୍ରୀ କରାଯିବ ।

(3) ଯେଉଁ ଜନ୍ମ ବା ମୃତ୍ୟୁର ରେଜିଷ୍ଟ୍ରୀକରଣ ଏକ ବର୍ଷ ମଧ୍ୟରେ ହୋଇନଥାଏ, ସେପରି ପ୍ରତ୍ୟେକ ଜନ୍ମ ବା ମୃତ୍ୟୁର ଶୁଦ୍ଧତା ସତ୍ୟାପନ କରିବା ପରେ କୌଣସି ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ବା ପ୍ରେସିଡେନ୍‌ସି ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ କ୍ରମେ ଏବଂ ବିହିତ ଫିସ୍ ପ୍ରଦାନ ପରେ ହିଁ ରେଜିଷ୍ଟ୍ରୀ କରାଯିବ ।

(4) କୌଣସି ଜନ୍ମ ବା ମୃତ୍ୟୁର ରେଜିଷ୍ଟ୍ରୀକରଣ, ତନ୍ନିମିତ୍ତ ବିନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କରାଯାଇ ନଥିବା ଯୋଗୁଁ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ତାହା ଉପରେ ଏବଂ ଯେଉଁ ଜନ୍ମ ବା ମୃତ୍ୟୁ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥିବା ସମୟରେ ରେଜିଷ୍ଟ୍ରୀକୃତ ହୋଇପାରିବ ତାହା ଉପରେ, ଏହି ଧାରାର ଉପବନ୍ଧମାନ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।

ଶିଶୁର ନାମ ରେଜିଷ୍ଟ୍ରୀକରଣ ।

14. ଯେଉଁ ସ୍ଥଳେ କୌଣସି ଶିଶୁର ଜନ୍ମ, ବିନା ନାମରେ ରେଜିଷ୍ଟ୍ରୀ କରାଯାଇଥାଏ, ସେପରି ସ୍ଥଳେ ସେହି ଶିଶୁର ପିତା ବା ମାତା ବା ଅଭିଭାବକ, ଶିଶୁର ନାମ ସମ୍ବନ୍ଧରେ ମୌଖିକ ବା ଲିଖିତ ଆକାରରେ ବିହିତ କାଳାବଧି ମଧ୍ୟରେ ରେଜିଷ୍ଟ୍ରାରଙ୍କୁ ସୂଚନା ଦେବେ, ଏବଂ ତତ୍‌ପରେ ରେଜିଷ୍ଟ୍ରାର ସେହି ନାମକୁ ରେଜିଷ୍ଟରରେ ଦରଜ କରିବେ ଓ ସେହି ଦରଜରେ ନିଜର ସଂକ୍ଷିପ୍ତ ସ୍ୱାକ୍ଷର କରିବେ ଓ ତାରିଖ ଦେବେ ।

ଜନ୍ମ ଓ ମୃତ୍ୟୁ ରେଜିଷ୍ଟରରେ ଦରଜର ଠିକ୍ କରିବା ବା ରଦ୍ଦ କରିବା ।

15. ଯଦି ରେଜିଷ୍ଟ୍ରାରଙ୍କ ହୃଦବୋଧ ହେବା ଭଳି ଏହା ପ୍ରମାଣିତ ହୁଏ ଯେ ଏହି ଅଧିନିୟମ ଅନୁଯାୟୀ ତାଙ୍କ ଦ୍ୱାରା ରଖାଯାଇଥିବା କୌଣସି ରେଜିଷ୍ଟରରେ କୌଣସି ଜନ୍ମ ବା ମୃତ୍ୟୁର କୌଣସି ଦରଜ ପ୍ରରୂପତଃ ବା ସାରତଃ ଭୁଲ ଅଟେ, ବା ତାହା ପ୍ରବଞ୍ଚନା ପୂର୍ବକ ବା ଅନୁଚିତ ଭାବେ କରାଯାଇଅଛି, ତେବେ ସେ ଯେଉଁ ସର୍ତ୍ତ ଉପରେ ବା ଯେଉଁ ପରିସ୍ଥିତିରେ ସେପରି ଦରଜକୁ ଠିକ୍ ବା ରଦ୍ଦ କରାଯାଇପାରେ ତାହା ସମ୍ପର୍କରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ ପ୍ରତି ସାପେକ୍ଷ ହୋଇ, ସେହି ଭୁଲକୁ ଠିକ୍ କରିବେ ବା ମୂଳ ଦରଜରେ କୌଣସି ପରିବର୍ତ୍ତନ ନକରି, ପାର୍ଶ୍ୱରେ ଯଥୋଚିତ ଦରଜ କରି ସେହି ଭୁଲକୁ ଠିକ୍ କରିବେ ବା ଦରଜକୁ ରଦ୍ଦ କରିବେ ଏବଂ ପାର୍ଶ୍ୱସ୍ଥ ଦରଜରେ ନିଜର ସ୍ୱାକ୍ଷର କରିବେ ଏବଂ ସେଥିରେ ଠିକ୍ କରିବା ବା ରଦ୍ଦ କରିବାର ତାରିଖ ଦେବେ ।

## ଅଧ୍ୟାୟ IV

### ଅଭିଲେଖ ଓ ପରିସଂଖ୍ୟାନ ରଖିବା

ବିହିତ ଫାରମରେ ରେଜିଷ୍ଟରଗୁଡ଼ିକ ରେଜିଷ୍ଟ୍ରାରଙ୍କ ଦ୍ୱାରା ରଖାଯିବ ।

16. (1) ପ୍ରତ୍ୟେକ ରେଜିଷ୍ଟ୍ରାର, ଯେଉଁ ରେଜିଷ୍ଟ୍ରୀକରଣ କ୍ଷେତ୍ର ବା ତାହାର କୌଣସି ଭାଗ ସମ୍ପର୍କରେ, ସେ ଅଧିକାରିତା ପ୍ରୟୋଗ କରନ୍ତି, ତାହା ନିମନ୍ତେ ବିହିତ ଫାରମରେ ଜନ୍ମ ଓ ମୃତ୍ୟୁର ଏକ ରେଜିଷ୍ଟର ରଖିବେ ।

(୨) ମୁଖ୍ୟ ରେଜିଷ୍ଟ୍ରାର, ସମୟକୁ ସମୟ ଯେପରି ବିହିତ ହୋଇପାରେ ସେପରି ଫାରମ ଓ ସେପରି ଅନୁଦେଶ ଅନୁସାରେ ଜନ୍ମ ଓ ମୃତ୍ୟୁ ଦରଜ କରିବା ନିମନ୍ତେ, ପର୍ଯ୍ୟାପ୍ତ ସଂଖ୍ୟାରେ ରେଜିଷ୍ଟର ମୁଦ୍ରଣ କରାଇବେ ଏବଂ ଯୋଗାଇବେ ଏବଂ ସେପରି ଫାରମରେ ଏକ ପ୍ରତିଲିପି, ସ୍ଥାନୀୟ ଭାଷାରେ ପ୍ରତ୍ୟେକ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟର ବାହାର ଦ୍ୱାରରେ ବା ତାହା ନିକଟସ୍ଥ କୌଣସି ସହଜଦୃଶ୍ୟ ସ୍ଥାନରେ ଲଗାଇବେ ।

ଜନ୍ମ ଓ ମୃତ୍ୟୁ ରେଜିଷ୍ଟରର ତଲାସ ।

17. (1) ଫିସ ଓ ଡାକ ମାହାସୁଲ ପ୍ରଦାନ ସଂକ୍ରାନ୍ତ ନିୟମାବଳୀ ସମେତ, ରାଜ୍ୟ ସରକାରଙ୍କ ଦ୍ୱାରା ଏତଦୁପଲକ୍ଷେ ପ୍ରଣୀତ ଯେକୌଣସି ନିୟମାବଳୀ ପ୍ରତି ସାପେକ୍ଷ ହୋଇ ଯେ କୌଣସି ବ୍ୟକ୍ତି—

(କ) ରେଜିଷ୍ଟ୍ରାରଙ୍କ ଦ୍ୱାରା ଜନ୍ମ ଓ ମୃତ୍ୟୁ ରେଜିଷ୍ଟରରେ ଯେକୌଣସି ଦରଜ ପାଇଁ ତଲାସ କରାଇପାରିବେ ; ଓ

(ଖ) ସେହି ରେଜିଷ୍ଟରରୁ ଯେକୌଣସି ଜନ୍ମ ବା ମୃତ୍ୟୁ ସଂକ୍ରାନ୍ତ ଏକ ଉଦ୍ଧୃତି ହାସଲ କରିପାରିବେ :

ପରନ୍ତୁ କୌଣସି ବ୍ୟକ୍ତିଙ୍କୁ ଦିଆଯିବା କୌଣସି ମୃତ୍ୟୁ ସଂକ୍ରାନ୍ତ ଉଦ୍ଧୃତିରେ ରେଜିଷ୍ଟରରେ ଦରଜ ହୋଇଥିବା ମୃତ୍ୟୁର କାରଣ ସମ୍ବନ୍ଧୀୟ ସବିଶେଷ ବିବରଣଗୁଡ଼ିକ ରହିବ ନାହିଁ ।

(୨) ଏହି ଧାରା ଅନୁଯାୟୀ ଦିଆଯାଇଥିବା ସମସ୍ତ ଉଦ୍ଧୃତି ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872ର ଧାରା 76ରେ ଉପବନ୍ଧିତ ହୋଇଥିବା ପ୍ରକାରେ ରେଜିଷ୍ଟ୍ରାରଙ୍କ ଦ୍ୱାରା, ବା ସେପରି ଉଦ୍ଧୃତି 1872 ର 1 ଦେବାପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ କୌଣସି ଅଧିକାରୀଙ୍କ ଦ୍ୱାରା ପ୍ରମାଣୀକୃତ କରାହେବ, ଏବଂ ସେହି ଜନ୍ମ ବା ମୃତ୍ୟୁ ଯେଉଁ ଦରଜ ସହ ସମ୍ବନ୍ଧିତ, ତାହା ପ୍ରମାଣିତ କରିବା ଉଦ୍ଦେଶ୍ୟରେ ସାକ୍ଷ୍ୟରେ ଗ୍ରାହ୍ୟ ହେବ ।

ରେଜିଷ୍ଟ୍ରୀକରଣ କାର୍ଯ୍ୟାଳୟ-ଗୁଡ଼ିକର ନିରୀକ୍ଷଣ ।

18. ଜିଲ୍ଲା ରେଜିଷ୍ଟ୍ରାରଙ୍କ ଦ୍ୱାରା ଯେପରି ବିହିତ ହୋଇପାରେ ସେପରି ରୀତିରେ ଏବଂ ସେପରି ପ୍ରାଧିକାରୀଙ୍କ ଦ୍ୱାରା ରେଜିଷ୍ଟ୍ରୀକରଣ କାର୍ଯ୍ୟାଳୟଗୁଡ଼ିକୁ ନିରୀକ୍ଷଣ କରାଯିବ ଏବଂ ସେହି କାର୍ଯ୍ୟାଳୟରେ ରଖାଯାଇଥିବା ରେଜିଷ୍ଟରଗୁଡ଼ିକୁ ପରୀକ୍ଷା କରାଯିବ ।

ରେଜିଷ୍ଟ୍ରାର କାଳିକ ରିଟର୍ଣ୍ଣଗୁଡ଼ିକୁ ମୁଖ୍ୟ ରେଜିଷ୍ଟ୍ରାରଙ୍କ ନିକଟକୁ ସଙ୍କଳନ ନିମନ୍ତେ ପଠାଇବେ ।

19. (1) ପ୍ରତ୍ୟେକ ରେଜିଷ୍ଟ୍ରାର, ମୁଖ୍ୟ ରେଜିଷ୍ଟ୍ରାର ବା ତାଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ କୌଣସି ଅଧିକାରୀଙ୍କ ନିକଟକୁ, ଯେପରି ବିହିତ ହୋଇପାରେ ସେପରି ଅନ୍ତରାଳରେ ଏବଂ ସେପରି ଫାରମରେ, ସେହି ରେଜିଷ୍ଟ୍ରାରଙ୍କ ଦ୍ୱାରା ରଖାଯାଇଥିବା ରେଜିଷ୍ଟରର ଜନ୍ମ ଓ ମୃତ୍ୟୁର ଦରଜର ଏକ ରିଟର୍ଣ୍ଣ ପଠାଇବେ ।

(୨) ରେଜିଷ୍ଟ୍ରାରମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ରିଟର୍ଣ୍ଣଗୁଡ଼ିକରେ ଥିବା ସୂଚନାକୁ, ମୁଖ୍ୟ ରେଜିଷ୍ଟ୍ରାର ସଙ୍କଳନ କରାଇବେ ଏବଂ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ସେହି ବର୍ଷ ମଧ୍ୟରେ ରେଜିଷ୍ଟ୍ରୀକୃତ ଜନ୍ମ ଓ ମୃତ୍ୟୁ ଉପରେ ଏକ ପରିସଂଖ୍ୟାନ ରିପୋର୍ଟ, ଯେପରି ବିହିତ ହୋଇପାରେ ସେପରି ଅନ୍ତରାଳରେ ଏବଂ ସେପରି ଫାରମରେ ପ୍ରକାଶିତ କରିବେ ।

## ଅଧ୍ୟାୟ V

### ବିବିଧ

ଭାରତ ବାହାର ନାଗରିକମାନଙ୍କ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀକରଣ ସମ୍ପର୍କରେ ବିଶେଷ ଉପବନ୍ଧ ।

20. (1) କେନ୍ଦ୍ର ସରକାର ଏତଦୁପଲକ୍ଷେ ଯେଉଁ ନିୟମାବଳୀ ପ୍ରଣୟନ କରିବେ, ସେଥିପ୍ରତି ସାପେକ୍ଷ ହୋଇ ରେଜିଷ୍ଟ୍ରାର ଜେନେରାଲ ନାଗରିକତା ଅଧିନିୟମ, 1955 ଅନୁଯାୟୀ ପ୍ରଣୀତ ଭାରତୀୟ କନ୍‌ସଲଙ୍କ କାର୍ଯ୍ୟାଳୟରେ ଭାରତ ବାହାରର ଭାରତୀୟ ନାଗରିକମାନଙ୍କ ରେଜିଷ୍ଟ୍ରୀକରଣ ସଂକ୍ରାନ୍ତ ନିୟମାବଳୀ ଅନୁଯାୟୀ, ଭାରତ ବାହାରେ ଥିବା ଭାରତର ନାଗରିକମାନଙ୍କ ଜନ୍ମ ଓ ମୃତ୍ୟୁ ସମ୍ପର୍କରେ ତାଙ୍କ ଦ୍ୱାରା ପ୍ରାପ୍ତ ସୂଚନାକୁ ରେଜିଷ୍ଟ୍ରୀକୃତ କରାଇବେ ଏବଂ ସେପରି ପ୍ରତ୍ୟେକ ରେଜିଷ୍ଟ୍ରୀକରଣ, ଏହି ଅଧିନିୟମ ଅନୁଯାୟୀ ଯଥୋଚିତ ଭାବେ କରାହୋଇଅଛି ବୋଲି ବିବେଚିତ ହେବ ।

(2) ଯେଉଁ ସ୍ଥଳେ ଉପଧାର (1)ରେ ଉପବନ୍ଧିତ ହୋଇଥିବା ପ୍ରକାରେ ଭାରତ ବାହାରେ ଜନ୍ମ ହୋଇଥିବା ଶିଶୁର ଜନ୍ମ ସଂକ୍ରାନ୍ତ ସୂଚନା ପ୍ରାପ୍ତ ହୋଇ ନଥାଏ, ସେପରି ସ୍ଥଳେ, ଯଦି ସେହି ଶିଶୁର ପିତାମାତା ଭାରତରେ ରହିବା ଉଦ୍ଦେଶ୍ୟରେ ଭାରତକୁ ପ୍ରତ୍ୟାବର୍ତ୍ତନ କରନ୍ତି, ତେବେ ସେମାନେ ଭାରତରେ ଶିଶୁ ପହଞ୍ଚିବା ତାରିଖଠାରୁ ଷାଠିଏ ଦିନ ମଧ୍ୟରେ ଯେକୌଣସି ସମୟରେ ସେହି ଶିଶୁର ଜନ୍ମ ଏହି ଅଧିନିୟମ ଅନୁଯାୟୀ, ଏପରି ରୀତିରେ ରେଜିଷ୍ଟ୍ରୀ କରିପାରିବେ, ଯେପରିକି ସେହି ଶିଶୁର ଜନ୍ମ ଭାରତରେ ହୋଇଥିଲ ଏବଂ ଧାର 13ର ଉପବନ୍ଧଗୁଡ଼ିକ, ପୂର୍ବୋକ୍ତ ଷାଠିଏ ଦିନ କାଳାବଧିର ଅବସାନ ପରେ, ସେହି ଶିଶୁର ଜନ୍ମ ପ୍ରତି ଲଗୁ ହେବ ।

ଜନ୍ମ ଓ ମୃତ୍ୟୁ ସମ୍ପର୍କରେ ସୂଚନା ହାସଲ କରିବା ନିମନ୍ତେ ରେଜିଷ୍ଟ୍ରାରଙ୍କ କ୍ଷମତା ।

21. ରେଜିଷ୍ଟ୍ରାର, ଯେକୌଣସି ବ୍ୟକ୍ତିଙ୍କୁ, ସେ ଯେଉଁ ସ୍ଥାନୀୟ ଅଞ୍ଚଳ ମଧ୍ୟରେ ବାସ କରୁଥିବେ ସେହି ସ୍ଥାନରେ ଜନ୍ମ ବା ମୃତ୍ୟୁ ସଂକ୍ରାନ୍ତରେ ତାଙ୍କୁ ଜଣାଥିବା କୌଣସି ସୂଚନା ଦେବାକୁ ମୌଖିକ ଭାବେ ବା ଲିଖିତ ଭାବେ ଆବଶ୍ୟକ କରିପାରିବ ଏବଂ ସେହି ବ୍ୟକ୍ତି ସେପରି ବରାଦ ଅନୁପାଳନ କରିବାକୁ ବାଧ୍ୟ ହେବେ ।

ନିର୍ଦ୍ଦେଶ ଦେବା କ୍ଷମତା ।

22. କେନ୍ଦ୍ର ସରକାର, ରାଜ୍ୟରେ ଏହି ଅଧିନିୟମ ବା ତଦଧୀନ ପ୍ରଣୀତ କୌଣସି ନିୟମ ବା ଆଦେଶର ଯେକୌଣସି ଉପବନ୍ଧକୁ ନିଷ୍ପାଦନ କରିବା ନିମନ୍ତେ ତାହାଙ୍କୁ ଆବଶ୍ୟକ ବୋଲି ପ୍ରତୀତ ହେବା ପ୍ରକାରେ ସେପରି ନିର୍ଦ୍ଦେଶମାନ ଯେକୌଣସି ରାଜ୍ୟ ସରକାରଙ୍କୁ ଦେଇପାରିବେ ।

ଶାସ୍ତି

23.(1) ଯେଉଁ ବ୍ୟକ୍ତି—

(କ) ଧାର 8 ଓ ଧାର 9ର ଯେକୌଣସି ଉପବନ୍ଧ ଅନୁଯାୟୀ କୌଣସି ସୂଚନା ଦେବା ତାଙ୍କର କର୍ତ୍ତବ୍ୟ ଅଟେ, କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ସେହି ସୂଚନା ଦେବାରେ ଅସଫଳ ହୁଅନ୍ତି; ବା

(ଖ) ଯେଉଁ ସବୁ ସବିଶେଷ ବିବରଣ ଜାଣିବା ଓ ରେଜିଷ୍ଟ୍ରୀକୃତ କରାଯିବା ଆବଶ୍ୟକ, ତାହା ସମ୍ବନ୍ଧରେ, ଜନ୍ମ ଓ ମୃତ୍ୟୁର କୌଣସି ରେଜିଷ୍ଟରରେ ଅନ୍ତଃସ୍ଥାପିତ କରାଯିବାଲାଗି ଏପରି କୌଣସି ସୂଚନା ଦିଅନ୍ତି ବା ଦିଆନ୍ତି, ଯାହା ମିଥ୍ୟା ବୋଲି ସେ ଜାଣନ୍ତି ବା ବିଶ୍ୱାସ କରନ୍ତି; ବା

(ଗ) ଧାର 11 ଦ୍ୱାର ଆବଶ୍ୟକ ହେଉଥିବା ମତେ ରେଜିଷ୍ଟରରେ ନିଜର ନାମ, ବର୍ଣ୍ଣନ ଏବଂ ନିବାସ ସ୍ଥାନ ଲେଖିବାକୁ ବା ନିଜର ଟିପ ଚିହ୍ନ ଦେବାକୁ ମନା କରନ୍ତି;

ସେହି ବ୍ୟକ୍ତି ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(2) ଯେଉଁ ରେଜିଷ୍ଟ୍ରାର ବା ଉପ-ରେଜିଷ୍ଟ୍ରାର, କୌଣସି ଯୁକ୍ତିଯୁକ୍ତ କାରଣ ନଥାଇ ନିଜର ଅଧିକାରିତା ମଧ୍ୟରେ ଘଟିଥିବା କୌଣସି ଜନ୍ମ ବା ମୃତ୍ୟୁ ରେଜିଷ୍ଟ୍ରୀ କରିବାକୁ, ବା ଧାରା 19ର ଉପଧାର (1)ଦ୍ୱାର ଆବଶ୍ୟକ ହେଉଥିବା ମତେ କୌଣସି ରିଟର୍ଣ୍ଣ ଦେବାକୁ ଅବହେଳା କରନ୍ତି ବା ମନା କରନ୍ତି ସେ ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(3) ଯେଉଁ ଚିକିତ୍ସା ବ୍ୟବସାୟୀ, ଧାରା 10ର ଉପଧାରା (3) ଅନୁଯାୟୀ ପ୍ରମାଣପତ୍ର ଦେବାରେ ଅବହେଳା କରନ୍ତି ବା ମନା କରନ୍ତି, ଏବଂ ଯେଉଁ ବ୍ୟକ୍ତି ସେପରି ପ୍ରମାଣପତ୍ର ପରିଦାନ କରିବାରେ ଅବହେଳା କରନ୍ତି ବା ମନା କରନ୍ତି, ସେ ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(4) ଯେଉଁ ବ୍ୟକ୍ତି କୌଣସି ଯୁକ୍ତିଯୁକ୍ତ କାରଣ ନଥାଇ ଏହି ଅଧିନିୟମର ସେପରି କୌଣସି ଉପବନ୍ଧର ଉଲ୍ଲଙ୍ଘନ କରନ୍ତି, ଯାହାର ଉଲ୍ଲଙ୍ଘନ ନିମନ୍ତେ ଏହି ଧାରାରେ କୌଣସି ଶାସ୍ତି ଉପବନ୍ଧିତ କରାହୋଇନାହିଁ, ସେ ଦଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

(5) ଦଣ୍ଡ ପ୍ରକ୍ରିୟା ସଂହିତା, 1898ରେ ଯାହାକିଛି ଥିବା ସତ୍ତ୍ୱେ, ଏହି ଧାର ଅନୁଯାୟୀ କୌଣସି 1898 ର 5
ଅପରାଧ, ଜଣେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ସରସରି ଭାବରେ ବିଚାର କରାଯିବ ।

ଅପରାଧ ରଫା କରିବା କ୍ଷମତା ।

24. (1) ଯେଉଁସବୁ ସର୍ତ୍ତାବଳୀ ବିହିତ ହୋଇପାରେ ସେଗୁଡ଼ିକ ପ୍ରତି ସାପେକ୍ଷ ହୋଇ ଏତଦ୍‌ଉପଲକ୍ଷେ କୌଣସି ସାଧାରଣ ବା ବିଶେଷ ଆଦେଶକ୍ରମେ ମୁଖ୍ୟ ରେଜିଷ୍ଟ୍ରାରଙ୍କ ଦ୍ୱାରା ପ୍ରାଧିକୃତ ଯେ କୌଣସି ଅଧିକାରୀ, ଏହି ଅଧିନିୟମ ଅନୁଯାୟୀ ଦାଣ୍ଡିକ କାର୍ଯ୍ୟବିଧି ସଂସ୍ଥିତ କରିବା ପୂର୍ବରୁ ବା ପରେ ଯେଉଁ ବ୍ୟକ୍ତି ଏହି ଅଧିନିୟମ ଅନୁଯାୟୀ କୌଣସି ଅପରାଧ କରିଥାନ୍ତି ବା ଅପରାଧ କରିଥିବାର ତାହାଙ୍କୁ ଯୁକ୍ତିଯୁକ୍ତ ଭାବେ ସନ୍ଦେହ କରାଯାଏ ତାଙ୍କଠାରୁ ସେପରି ଅପରାଧର ରଫା ପାଇଁ ପଚାଶ ଟଙ୍କାରୁ ଅଧିକ ହେଉ ନ ଥିବା ଧନରାଶି ଗ୍ରହଣ କରିପାରିବେ ।

(2) ଉକ୍ତ ବ୍ୟକ୍ତି ସେହି ଧନରାଶିର ପ୍ରଦାନ ପରେ ଉନ୍ମୁକ୍ତ ହେବେ ଏବଂ ସେପରି ଅପରାଧ ସଂକ୍ରାନ୍ତରେ ତାଙ୍କ ବିରୁଦ୍ଧରେ କୌଣସି ଅଧିକତର କାର୍ଯ୍ୟବିଧି ଗ୍ରହଣ କରାଯିବ ନାହିଁ ।

ଅଭିଯୋଜନ ନିମନ୍ତେ ମଂଜୁରୀ ।

25. ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ କୌଣସି ଅପରାଧ, ମୁଖ୍ୟ ରେଜିଷ୍ଟ୍ରାରଙ୍କ ଦ୍ୱାରା ସାଧାରଣ ବା ବିଶେଷ ଆଦେଶ ଦ୍ୱାରା ଏତଦୁପଲକ୍ଷେ ପ୍ରାଧିକୃତ କୌଣସି ଅଧିକାରୀଙ୍କ ବ୍ୟତୀତ, ଅନ୍ୟ କାହାଦ୍ୱାରା ସଂସ୍ଥିତ ହେବନାହିଁ ।

ରେଜିଷ୍ଟ୍ରାର ଏବଂ ଉପରେଜିଷ୍ଟ୍ରାର-ମାନଙ୍କୁ ଲୋକ ସେବକ ଭାବରେ ବିବେଚନା କରାଯିବ ।

26. ସମସ୍ତ ରେଜିଷ୍ଟ୍ରାର ଏବଂ ଉପରେଜିଷ୍ଟ୍ରାର, ଯେବେ ଏହି ଅଧିନିୟମ ବା ତଦଧୀନ ପ୍ରଣୀତ କୌଣସି ନିୟମ ବା ଆଦେଶର ଉପବନ୍ଧର ଅନୁସରଣରେ କାର୍ଯ୍ୟ କରୁଥିବେ ବା କାର୍ଯ୍ୟ କରିବାକୁ ଅଭିପ୍ରେତ ହୋଇଥିବେ, ତେବେ ସେମାନେ ଭାରତୀୟ ଦଣ୍ଡ ସଂହିତାର ଧାରା 21ର ମର୍ମାନୁସାରେ ଲୋକ ସେବକ ବୋଲି ବିବେଚିତ ହେବେ । 1860 ର 45

କ୍ଷମତାର ପ୍ରତିନିଧାନ ।

27. ରାଜ୍ୟ ସରକାର, ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ନିର୍ଦ୍ଦେଶ ଦେଇପାରିବେ ଯେ ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ତାଙ୍କ ଦ୍ୱାରା ପ୍ରଯୋକ୍ତବ୍ୟ କୌଣସି କ୍ଷମତା, (ଧାରା 30 ଅନୁଯାୟୀ ନିୟମାବଳୀ ପ୍ରଣୟନ କରିବା କ୍ଷମତା ବ୍ୟତୀତ) ସେହି ନିର୍ଦ୍ଦେଶରେ ଯଦି କୌଣସି ସର୍ତ୍ତାବଳୀ ବିନିର୍ଦ୍ଦିଷ୍ଟ କରାଯାଇପାରେ ତେବେ ତାହାପ୍ରତି ସାପେକ୍ଷ ହୋଇ ନିର୍ଦ୍ଦେଶରେ ଯେପରି ବିନିର୍ଦ୍ଦିଷ୍ଟ ହୋଇପାରେ ରାଜ୍ୟ ସରକାରଙ୍କ ଅଧସ୍ତନ ସେପରି ଅଧିକାରୀ ବା ପ୍ରାଧିକାରୀଙ୍କ ଦ୍ୱାରା ମଧ୍ୟ ପ୍ରଯୋକ୍ତବ୍ୟ ହେବ ।

ସଦ୍‌ବିଶ୍ୱାସରେ କରାଯାଇଥିବା କାର୍ଯ୍ୟର ରକ୍ଷା ।

28. (1) ଏହି ଅଧିନିୟମ ବା ତଦଧୀନ ପ୍ରଣୀତ କୌଣସି ନିୟମ ବା ଆଦେଶର ଅନୁସରଣରେ ସଦ୍‌ବିଶ୍ୱାସରେ କରାଯାଇଥିବା ବା କରାଯିବାକୁ ଆଶୟିତ ଥିବା କୌଣସି କାର୍ଯ୍ୟ ଲାଗି ସରକାର, ରେଜିଷ୍ଟ୍ରାର-ଜେନେରାଲ, କୌଣସି ରେଜିଷ୍ଟ୍ରାର ବା ଏହି ଅଧିନିୟମ ଅନୁଯାୟୀ କୌଣସି କ୍ଷମତା ପ୍ରୟୋଗ କରୁଥିବା ବା କୌଣସି କର୍ତ୍ତବ୍ୟ ସଂପାଦନ କରୁଥିବା କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା, ଅଭିଯୋଜନ ବା ଅନ୍ୟ ବିଧିକ କାର୍ଯ୍ୟବିଧି ଗ୍ରହଣ କରାଯିବ ନାହିଁ ।

(2) ଏହି ଅଧିନିୟମ ବା ତଦଧୀନ ପ୍ରଣୀତ କୌଣସି ନିୟମ ବା ଆଦେଶର ଅନୁସରଣରେ ସଦ୍‌ବିଶ୍ୱାସରେ କରାଯାଇଥିବା ବା କରାଯିବାକୁ ଆଶୟିତ ଥିବା କୌଣସି କାର୍ଯ୍ୟଦ୍ୱାରା ଘଟିଥିବା ବା ଘଟିବାର ସମ୍ଭାବନା ଥିବା କୌଣସି ଲୋକସାନପାଇଁ ସରକାରଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ବା ଅନ୍ୟ ବିଧିକ କାର୍ଯ୍ୟବିଧି ଗ୍ରହଣ କରାଯିବନାହିଁ ।

ଏହି ଅଧିନିୟମ 1886ରେ ଅଧିନିୟମ ଠାରୁ ନ୍ୟୂନ ହେବନାହିଁ ।

29. ଏହି ଅଧିନିୟମର କୌଣସି ବିଷୟ ଜନ୍ମ, ମୃତ୍ୟୁ ଏବଂ ବିବାହ ରେଜିଷ୍ଟ୍ରିକରଣ ଅଧିନିୟମ, 1886 ର ଉପବନ୍ଧଗୁଡ଼ିକର ନ୍ୟୂନ ବୋଲି ଅର୍ଥାନ୍ୱୟ କରାଯିବନାହିଁ ।

ନିୟମାବଳୀ ପ୍ରଣୟନ ହେବା କ୍ଷମତା ।

30. (1) କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ, ରାଜ୍ୟ ସରକାର ଏହି ଅଧିନିୟମର ପ୍ରୟୋଜନକୁ କାର୍ଯ୍ୟକାରୀ କରିବା ନିମନ୍ତେ ସରକାରୀ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ନିୟମାବଳୀ ପ୍ରଣୟନ କରି-ପାରିବେ ।

(2) ବିଶେଷତଃ ଏବଂ ପୂର୍ବଗାମୀ ଉପବନ୍ଧର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ, ସେହି ନିୟମାବଳୀରେ ନିମ୍ନୋକ୍ତ ବିଷୟରେ ଉପବନ୍ଧ କରାଯାଇପାରିବ :—

(କ) ଏହି ଅଧିନିୟମ ଅନୁଯାୟୀ ରଖାଯିବାକୁ ଆବଶ୍ୟକ ହେଉଥିବା ଜନ୍ମ ଓ ମୃତ୍ୟୁ ରେଜିଷ୍ଟରର ଫାରମ ;

(ଖ) କେଉଁ କାଳାବଧି ମଧ୍ୟରେ ଓ କେଉଁ ଫାରମରେ ଏବଂ କେଉଁ ରୀତିରେ ରେଜିଷ୍ଟ୍ରାରଙ୍କୁ ଧାରା 8 ଅନୁଯାୟୀ ସୂଚନା ଦିଆଯିବ ;

(ଗ) କେଉଁ କାଳାବଧି ମଧ୍ୟରେ ଓ କେଉଁ ରୀତିରେ ଧାରା 10 ର ଉପଧାରା (1) ଅନୁଯାୟୀ ଜନ୍ମ ଓ ମୃତ୍ୟୁର ଅଧିସୂଚିତ ହେବ ;

(ଘ) କେଉଁ ବ୍ୟକ୍ତିଙ୍କଠାରୁ ଓ କେଉଁ ଫାରମରେ ମୃତ୍ୟୁର କାରଣ ବିଷୟରେ ପ୍ରମାଣପତ୍ର ହାସଲ କରାଯିବ ;

(ଙ) କେଉଁ ସବିଶେଷ ବିବରଣର ଉଦ୍ଧୃତି ଧାରା 12 ଅନୁଯାୟୀ ଦିଆଯିବ ;

(ଚ) କେଉଁ ପ୍ରାଧିକାରୀ, ଧାରା 13 ର ଉପଧାରା (2) ଅନୁଯାୟୀ ଜନ୍ମ ବା ମୃତ୍ୟୁର ରେଜିଷ୍ଟ୍ରୀକରଣ ପାଇଁ ଅନୁମତି ମଞ୍ଜୁର କରିପାରିବେ ;

(ଛ) ଧାରା 13 ଅନୁଯାୟୀ କରାଯିବା ରେଜିଷ୍ଟ୍ରୀକରଣ ପାଇଁ ପ୍ରଦେୟ ଫିସ୍;

(ଜ) ଧାରା 4ର ଉପଧାରା (4) ଅନୁଯାୟୀ ମୁଖ୍ୟ ରେଜିଷ୍ଟ୍ରାରଙ୍କ ଦ୍ୱାରା ରିପୋର୍ଟର ଉପସ୍ଥାପନ ;

(ଝ) ଜନ୍ମ ଓ ମୃତ୍ୟୁ ରେଜିଷ୍ଟରଗୁଡ଼ିକର ତଲାସ ଓ ସେପରି ତଲାସ ପାଇଁ ରେଜିଷ୍ଟର-ଗୁଡ଼ିକର ଉଦ୍ଧୃତିର ପ୍ରଦାନ ପାଇଁ ପ୍ରଦେୟ ଫିସ୍ ;

(ଞ) କେଉଁ ଫାରମରେ ଓ କେଉଁ ଅନ୍ତରାଳରେ ରିଟର୍ଣ୍ଣ ଓ ପରିସଂଖ୍ୟାନ ରିପୋର୍ଟ ଧାରା 19 ଅନୁଯାୟୀ ଦିଆଯିବ ଏବଂ ପ୍ରକାଶିତ ହେବ ;

(ଟ) ରେଜିଷ୍ଟ୍ରାରଙ୍କ ଦ୍ୱାରା ରଖାଯାଇଥିବା ରେଜିଷ୍ଟର ଓ ଅନ୍ୟାନ୍ୟ ଅଭିଲେଖ ଜିମା ରଖାଯିବା , ପେଶ୍ କରାଯିବା ଓ ତାହାର ଅନ୍ତରଣ ;

(ଠ) ଜନ୍ମ ଓ ମୃତ୍ୟୁର ରେଜିଷ୍ଟରରେ ଥିବା ଭୁଲ୍‌କୁ ସଂଶୋଧନ କରିବା ଓ ଦରଜଗୁଡ଼ିକୁ ରଦ୍ଦ କରିବା ;

(ଡ) ବିହିତ ହେବାକୁ ଥିବା ବା ହୋଇପାରିବା ଅନ୍ୟ କୌଣସି ବିଷୟ ।

ନିରସନ ଓ ବ୍ୟାବୃତ୍ତି ।

31. (1) ଧାରା 29ର ଉପବନ୍ଧଗୁଡ଼ିକ ପ୍ରତି ସାପେକ୍ଷ ହୋଇ, କୌଣସି ରାଜ୍ୟରେ ବା ତାହାର କୌଣସି ଭାଗରେ ଏହି ଅଧିନିୟମ ପ୍ରବୃତ୍ତ ହେବା ସମୟଠାରୁ ସେଠାରେ ପ୍ରବୃତ୍ତ ଥିବା କୌଣସି ବିଧିର ଯେତିକି ଅଂଶ ଏହି ଅଧିନିୟମ ଅନ୍ତର୍ଗତ ବିଷୟ ପ୍ରତି ସମ୍ବନ୍ଧିତ ହୋଇଥିବ ସେତିକି ଅଂଶ, ଯଥାସ୍ଥିତି ସେହି ରାଜ୍ୟରେ ବା ତାହାର ସେହି ଭାଗରେ ନିରସିତ ହୋଇଯିବ ।

(2) ସେପରି ନିରସନ ସତ୍ତ୍ୱେ, ସେପରି କୌଣସି ବିଧି ଅନୁଯାୟୀ ଯେଉଁ ବିଷୟ କରାଯାଇଥିବ ବା ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବ (ନିର୍ଗମିତ କୌଣସି ଅନୁଦେଶ ବା ନିର୍ଦ୍ଦେଶ, ପ୍ରଣୀତ କୌଣସି ବିନିୟମ ବା ନିୟମ ବା ଆଦେଶ ସମେତ) ସେଗୁଡ଼ିକ ଯେପର୍ଯ୍ୟନ୍ତ ସେହି ବିଷୟ ବା ସେହି କାର୍ଯ୍ୟାନୁଷ୍ଠାନ ଏହି ଅଧିନିୟମର ଉପବନ୍ଧଗୁଡ଼ିକ ସହ ଅସଙ୍ଗତ ହେଉ ନ ଥିବ ସେ ପର୍ଯ୍ୟନ୍ତ ତାହା ପୂର୍ବୋକ୍ତ ଉପବନ୍ଧଗୁଡ଼ିକ ଅନୁଯାୟୀ ସେପରି କରାଯାଇଅଛି ବା ଗ୍ରହଣ କରାଯାଇଅଛି ବୋଲି ବିବେଚିତ ହେବ, ସତେ ଯେପରିକି ସେପରି ବିଷୟ କରାଯିବା ବା ସେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମୟରେ ତାହା ପ୍ରବୃତ୍ତ ଥିଲା ଏବଂ ଏହି ଅଧିନିୟମ ଅନୁଯାୟୀ କରାଯାଇଥିବା କୌଣସି ବିଷୟ ବା ଗ୍ରହଣ କରାଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନ ଦ୍ୱାରା ଅଧିକ୍ରମଣ କରା ନ ହେବା ପର୍ଯ୍ୟନ୍ତ ତାହା ତଦନୁସାରେ ପ୍ରବୃତ୍ତ ହୋଇ ରହିବ ।

ଅସୁବିଧା ଦୂର କରିବା ଲାଗି କ୍ଷମତା ।

32. ଯଦି ଏହି ଅଧିନିୟମର ଉପବନ୍ଧଗୁଡ଼ିକୁ କୌଣସି ରାଜ୍ୟରେ କୌଣସି କ୍ଷେତ୍ର ପ୍ରତି ସେଗୁଡ଼ିକର ପ୍ରୟୋଗ ନେଇ ପ୍ରଭାବୀ କରିବାରେ କୌଣସି ଅସୁବିଧା ଉପୁଜେ, ତେବେ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ଅନୁମୋଦନକ୍ରମେ, ଏହି ଅସୁବିଧାକୁ ଦୂର କରିବା ଲାଗି ସେହି ରାଜ୍ୟ ସରକାରଙ୍କୁ ଆବଶ୍ୟକ ବା ସମୀଚୀନ ମନେ ହେବାମତେ, ଆଦେଶ ଦ୍ୱାରା, ଏହି ଅଧିନିୟମର ଉପବନ୍ଧଗୁଡ଼ିକ ସହ ଅସଙ୍ଗତ ହେଉ ନ ଥିବା ସେପରି ଉପବନ୍ଧମାନ କରିପାରିବେ ବା ସେପରି ନିର୍ଦ୍ଦେଶମାନ ଦେଇପାରିବେ :

ପରନ୍ତୁ କୌଣସି ରାଜ୍ୟର କୌଣସି କ୍ଷେତ୍ରରେ ଏହି ଅଧିନିୟମ ପ୍ରବୃତ୍ତ ହେବା ତାରିଖଠାରୁ, ଦୁଇବର୍ଷ ଅବସାନ ହେବାପରେ, ସେହି କ୍ଷେତ୍ର ସଂକ୍ରାନ୍ତରେ ଏହି ଧାରା ଅନୁଯାୟୀ କୌଣସି ଆଦେଶ ଦିଆଯିବ ନାହିଁ ।